ରାମେଶ୍ୱରଲାଲ୍

ବନାମ

ପୌର ପରିଷଦ, ଟୋଙ୍କ ଏବଂ ଅନ୍ୟମାନେ

ଅଗଷ୍ଟ 27, 1996

[କେ. ରାମାସ୍ୱାମୀ, ବି.ଏଲ୍. ହଂସାରିୟା ଏବଂ ଏସ୍.ବି. ମଜମୁଦାର, ନ୍ୟାୟମୂର୍ତ୍ତିବୃନ୍ଦ]

*ତମାଦି ଅଧିନିୟମ,1963 :*

*ଧାରା 14 – ତମାଦି ଅବଧି – ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ଅଣ-ପ୍ରଦାନ ବେତନ ବଢାଇବା – କର୍ମଚାରୀ ଉଚ୍ଚ ନ୍ୟାୟାଳୟରେ ରିଟ୍ ଆବେଦନ ଦାଖଲ କରିଛନ୍ତି – ଏକକ ବିଚାରପତି ତଥା ଖଣ୍ଡପୀଠ ପ୍ରତିକାର ମଞ୍ଜୁର କରିବାକୁ ମନା କରିଛନ୍ତି – କେବଳ ଅନ୍ୟ ପ୍ରତିକାର ହେଉଛି ଏକ ଦେୱାନୀ ମକଦ୍ଦମା ଦାଖଲ କରିବା ଯାହା ପାଇଁ ସମୟ ସମାପ୍ତ ହୋଇସାରିଛି – ଦର୍ଶାଯାଇଛି, ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ କାର୍ଯ୍ୟାନୁଷ୍ଠାନ ଅଭିଯୋଜନ କରିବାରେ ନିଆଯାଇଥିବା ସମୟକୁ, ତତ୍ପରତାପୂର୍ବକ ଅନୁସରଣ କରାଯାଇଥିବା ଯେକୌଣସି ଯଥାର୍ଥତାକୁ ବାଦ ଦିଆଯିବା ଆବଶ୍ୟକ – ଆବେଦନକାରୀ ଚାରି ସପ୍ତାହ ମଧ୍ୟରେ ପୌରପାଳିକାକୁ ବିଜ୍ଞପ୍ତି ଜାରି କରିବେ ଏବଂ ତା' ପରେ ଦୁଇ ମାସ ମଧ୍ୟରେ ମକଦ୍ଦମା ଦାଖଲ କରିବେ । ବିଚାର କରୁଥିବା ନ୍ୟାୟାଳୟ ଗୁଣବତ୍ତା ଆଧାରରେ ଆଇନ ଅନୁଯାୟୀ ବିଚାର କରିବେ ଏବଂ ମାମଲାର ଫଏସଲା କରିବେ ।*

ଦେୱାନୀ ଅପିଲ ଅଧିକାରିତା : ବିଶେଷ ଅନୁମତି ଆବେଦନ (ସି) ସଂଖ୍ୟା 16339/1996 ।

ଡି ବି ସି ଏସ୍ ଏ ସଂଖ୍ୟା 218/1996 ରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କ ତା 6.5.96 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ବି.ଡି. ଶର୍ମା ଏବଂ ପୀୟୁଷ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ  ପ୍ରଦାନ କରାଯାଇଥିଲା :

ଆବେଦନକାରୀ ଦାବି କରିଛନ୍ତି ଯେ, ତାଙ୍କୁ ସେପ୍ଟେମ୍ବର 10,1987 ରୁ ଅଗଷ୍ଟ 18,1988 ପର୍ଯ୍ୟନ୍ତ ଅବଧି ପାଇଁ ବେତନ ପ୍ରତ୍ୟାଖ୍ୟାନ କରାଯାଇଛି । ସେ ଟୋଙ୍କ ପୌର ପରିଷଦର କାର୍ଯ୍ୟାଳୟରେ କାର୍ଯ୍ୟ କରିଥିବା ଦାବି କରିଛନ୍ତି । ସେ ଫେବୃଆରୀ 1990 ରେ ଉଚ୍ଚ ନ୍ୟାୟାଳୟରେ ରିଟ୍ ଆବେଦନ ଦାଖଲ କରିଥିଲେ । ବିଜ୍ଞ ଏକକ ବିଚାରପତି ଦର୍ଶାଇଛନ୍ତି ଯେ, ଯେହେତୁ ଏହା ଏକ ଦେୱାନୀ କାର୍ଯ୍ୟାନୁଷ୍ଠାନରେ ଅସୁଲଯୋଗ୍ୟ ଏକ ଦାବି, ସମ୍ବିଧାନର ଅନୁଚ୍ଛେଦ 226 ଅନ୍ତର୍ଗତ ବିବେକାଧିକାର ପ୍ରୟୋଗଯୋଗ୍ୟ ନୁହେଁ । ତଦନୁସାରେ, ସେ ରିଟ୍ ଆବେଦନକୁ ଖାରଜ କରିଦେଇଥିଲେ । ବିଶେଷ ଅପିଲ ସଂଖ୍ୟା 218/96 ରେ ମେ 6,1996 ରେ ଖଣ୍ଡପୀଠଙ୍କ ଆକ୍ଷେପିତ ଆଦେଶରେ ଏହା ନିଶ୍ଚିତ ହୋଇଥିଲା । ତେଣୁ, ଏହି ବିଶେଷ ଅନୁମତି ଆବେଦନ ।

ପ୍ରତିକାର ମଞ୍ଜୁର କରିବାକୁ ମନା କରି ଉଚ୍ଚ ନ୍ୟାୟାଳୟଙ୍କ ଆଦେଶର ବୈଧତାର ପ୍ରଶ୍ନକୁ ଅନୁଧ୍ୟାନ କରିବା ଆମ ପାଇଁ ଆବଶ୍ୟକ ନୁହେଁ । ଏହା ସ୍ୱତଃସିଦ୍ଧ ଯେ, ଅନୁଚ୍ଛେଦ 226 ଅନ୍ତର୍ଗତ କ୍ଷମତାର ପ୍ରୟୋଗ ବିବେକାଧିକାର ହୋଇଥିବାରୁ, ବିଜ୍ଞ ଏକକ ବିଚାରପତି ତଥା ଖଣ୍ଡପୀଠ, ଆବେଦନକାରୀଙ୍କୁ ବକେୟା ଏବଂ ଦେୟଯୋଗ୍ୟ ବୋଲି ଅଭିଯୋଗ କରାଯାଇଥିବା ବେତନର ବକେୟା ପ୍ରଦାନ କରିବାକୁ ଉତ୍ତରଦାତାଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଏହାକୁ ପ୍ରୟୋଗ କରିନାହାଁନ୍ତି । ଏହି ପରିସ୍ଥିତିଗୁଡ଼ିକ ଅନ୍ତର୍ଗତ, ଆବେଦନକାରୀଙ୍କ ପାଇଁ ଉନ୍ମୁକ୍ତ ଏକମାତ୍ର ପ୍ରତିକାର ହେଉଛି ମକଦ୍ଦମାରେ କାର୍ଯ୍ୟାନୁଷ୍ଠାନର ସାହାଯ୍ୟ ନେବା । ଯେହେତୁ ବର୍ତ୍ତମାନ ସୁଦ୍ଧା ଏକ ଦେୱାନୀ ମକଦ୍ଦମା ଦାଖଲ କରିବାର ତମାଦି ସମାପ୍ତ ହୋଇଯାଇଛି, ଯାହା ରିଟ୍ ଆବେଦନ ଦାଖଲ କରିବା ତାରିଖରେ ଏପରି ନଥିଲା, ଦେୱାନୀ ନ୍ୟାୟାଳୟଙ୍କୁ ତମାଦି ଅଧିନିୟମ, 1963 ର ଧାରା 14 ଅନ୍ତର୍ଗତ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରିଟ୍ ଆବେଦନ ଆରମ୍ଭ ହେବାର ତାରିଖଠାରୁ ମାମଲାର ଫଏସଲା କରିବାରେ ନିଆଯାଇଥିବା ସମ୍ପୂର୍ଣ୍ଣ ସମୟକୁ ବାଦ ଦେବା ଆବଶ୍ୟକ ।

*ସାଧାରଣତଃ ଧାରା 14ର ପ୍ରୟୋଗ ପାଇଁ, ପ୍ରଥମ ଦୃଷ୍ଟାନ୍ତରେ ମାମଲା ସହିତ ବିଚାର କରୁଥିବା ନ୍ୟାୟାଳୟ, ଯାହା ପରବର୍ତ୍ତୀ ମାମଲାରେ ପ୍ରସଙ୍ଗର ବିଷୟ ଅଟେ, ମାମଲାଟିକୁ ଗ୍ରହଣ କରିବା ପାଇଁ କ୍ଷେତ୍ରାଧିକାରର ଅଭାବ କିମ୍ବା ସମାନ ପ୍ରକୃତିର ଅନ୍ୟ କାରଣ ଥିବା ଜଣାପଡ଼ିବା ଆବଶ୍ୟକ ।* ତଥାପି, ଯେହେତୁ ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବରେ, ଆବେଦନକାରୀଙ୍କୁ ଦେୱାନୀ ନ୍ୟାୟାଳୟରେ ଏକ ମକଦ୍ଦମାକୁ ପଠାଇ, ପ୍ରତିକାର ମଞ୍ଜୁର କରିବାକୁ ମନା କରିଦେଇଛନ୍ତି, ଆବେଦନକାରୀଙ୍କୁ ପ୍ରତିକାରବିହୀନ ଛାଡି ଦିଆଯାଇପାରିବ ନାହିଁ । ତଦନୁସାରେ, ଉଚ୍ଚ ନ୍ୟାୟାଳୟ

ଏବଂ ଏହି ନ୍ୟାୟାଳୟଙ୍କ ସମ୍ମୁଖରେ କାର୍ଯ୍ୟାନୁଷ୍ଠାନ ଅଭିଯୋଜନ କରିବାରେ ନିଆଯାଇଥିବା ସମୟ, ଯାହା ତତ୍ପରତାପୂର୍ବକ ଏବଂ *ଯଥାର୍ଥତା*ର ସହ ଅନୁସରଣ କରାଯାଇଥିଲା, ଏହାକୁ ବାଦ ଦେବାର ଆବଶ୍ୟକତା ରହିଛି । ଆବେଦନକାରୀଙ୍କୁ ଆଜିଠାରୁ ଚାରି ସପ୍ତାହ ମଧ୍ୟରେ ପୌରପାଳିକାକୁ ବିଜ୍ଞପ୍ତି ଜାରି କରିବାକୁ ଅନୁମତି ଦିଆଯାଇଛି । ତାହାର ଅବଧି ସମାପ୍ତି ହେବା ପରେ, ସେ ତା'ପରେ ଦୁଇ ମାସ ମଧ୍ୟରେ ମକଦ୍ଦମା ଦାଖଲ କରିପାରିବେ । ବିଚାର କରୁଥିବା ନ୍ୟାୟାଳୟ ଗୁଣବତ୍ତା ଆଧାରରେ ଆଇନ ଅନୁଯାୟୀ ବିଚାର କରିବେ ଏବଂ ମାମଲାର ଫଏସଲା କରିବେ ।

ତଦନୁସାରେ ବିଶେଷ ଅନୁମତି ଆବେଦନର ଫଏସଲା କରାଯାଇଛି ।

ଜି.ଏନ୍. ଆବେଦନର ଫଏସଲା ଘଟିଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :- ସୁଧା ସୁରମ୍ୟା ସାହୁ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**